بسم الله الرحمٰن الرحيم

**ଖୁତ୍‌ବା ଜୁମା ୨୪ ଜୁନ୍ ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ ୟୁ.କେ**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ହ. ଅବୁ ବକର୍ ର.ଅଙ୍କ କାଳରେ ପ୍ରେରିତ ଅଭିଯାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଊଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ସତ୍ୟବାଦୀ ହ. ଅବୁ ବକର ର.ଅଙ୍କ କାଳରେ ଯେଉଁସବୁ ଅଭିଯାନ ହୋଇଥିଲା ତାହାର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ହ. ଅବୁ ବକର ର.ଅ ହ. ଖାଲିଦ୍ ବିନ୍ ସଇଦ୍ ବିନ୍ ଆସ୍‌ଙ୍କ ପାଇଁ ଧ୍ୱଜା ବାନ୍ଧିଲେ ଏବଂ ତାଙ୍କୁ ସିରୀୟାର ସୀମାବର୍ତ୍ତୀ ଅଞ୍ଚଳ ହମ୍ପତିନ୍ ଅଭିମୁଖେ ପ୍ରେରଣ କଲେ । ହ. ଖାଲିଦ୍ ବିନ୍ ସଇଦ୍ ବିନ୍ ଆସ୍‌ଙ୍କ ନାମ ଖାଲିଦ୍ ଏବଂ ଉପନାମ ଅବୁ ସଇଦ୍ ଥିଲା । ହ. ଖାଲିଦ୍ ପ୍ରାଥମିକ ପର୍ଯ୍ୟାୟର ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ତାଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର ଘଟଣାଟି ଏହିପରି ଯେ; ସେ ସ୍ୱପ୍ନରେ ଦେଖିଲେ ଯେ, ସେ ଅଗ୍ନିର ପାର୍ଶ୍ୱରେ ଛିଡ଼ା ହୋଇଛନ୍ତି ଏବଂ ତାଙ୍କର ପିତା ତାଙ୍କୁ ସେହି ଅଗ୍ନି ମଧ୍ୟରେ ପକାଇବା ପାଇଁ ଚେଷ୍ଟା କରୁଛନ୍ତି । ଏହାପରେ ସେ ସ୍ୱପ୍ନରେ ଦେଖିଲେ ଯେ ଆଁହଜରତ ସ.ଅ ତାଙ୍କୁ ଅଣ୍ଟାରୁ ଭିଡ଼ି ଧରି ରଖିଛନ୍ତି । ଯେପରିକି ଆପଣ ଅଗ୍ନିରେ ପଡ଼ି ନଯାଆନ୍ତୁ । ହ. ଖାଲିଦ୍ ର.ଅ ଏହି ସ୍ୱପ୍ନ ଦେଖି ଛାନିଆ ହୋଇ ନିଦରୁ ଉଠି ପଡ଼ିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଏହି ସ୍ୱପ୍ନଟି ସତ୍ୟ ଅଟେ । ସୁତରାଂ ହ. ଖାଲିଦ୍ ର.ଅ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ଯେ ହେ ମୁହମ୍ମଦ ସ.ଅ ! ଆପଣ ମୋତେ କେଉଁ ଆଡ଼କୁ ଡ଼ାକୁଛନ୍ତି ? ଆଁହଜରତ ସ.ଅ କହିଲେ ମୁଁ ତୁମକୁ ଅଲ୍ଲାଃଙ୍କ ମାର୍ଗ ଆଡ଼କୁ ଡାକୁଛି , ଯେକି ଏକ ଓ ଅଦ୍ୱିତୀୟ ଅଟନ୍ତି । ତାହାଙ୍କର କେହି ସମକକ୍ଷ ନାହାନ୍ତି ଏବଂ ହ. ମୁହମ୍ମଦ ସ.ଅ ତାହାଙ୍କ ଭକ୍ତ ଓ ବାର୍ତ୍ତାବହ ଅଟନ୍ତି । ଅତଏବ ତୁମେ ସେହି ପଥର ପୂଜା ଛାଡ଼ିଦିଅ ଯେଉଁମାନେ ନା ତୁମର କୌଣସି ପ୍ରାର୍ଥନା ଶୁଣନ୍ତି ଓ ନା ହିଁ ସେମାନେ କିଛି ଦେଖିପାରନ୍ତି । ସେହିପରି ସେମାନେ ନା ତୁମକୁ ଲାଭ ପହଞ୍ଚାଇ ପାରିବେ ଓ ନା ହିଁ ସେମାନେ ତୁମର କୌଣସି କ୍ଷତି ତଥା ଅନିଷ୍ଟ ସାଧନ କରିପାରିବେ । ସେମାନେ ଏହା ମଧ୍ୟ ଜାଣନ୍ତି ନାହିଁ ଯେ କେଉଁମାନେ ସେମାନଙ୍କୁ ପୂଜା କରୁଛନ୍ତି ଓ କେଉଁମାନେ ପୂଜା କରୁ ନାହାନ୍ତି । ପ୍ରତ୍ୟୁତ୍ତରରେ ହ. ଖାଲିଦ୍ ର.ଅ କହିଲେ ଯେ ହେ ମୁହମ୍ମଦ୍ ସ.ଅ ! ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ବି ଉପାସ୍ୟ ଯୋଗ୍ୟ ନୁହନ୍ତି ଏବଂ ଆପଣ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । ମୁସଲମାନେ ଯେତେବେଳେ ହବ୍‌ଶା (ଇଥିଓପିୟା) ଅଭିମୁଖେ ଦ୍ୱିତୀୟ ପ୍ରବାସ କଲେ ସେତେବେଳେ ହ. ଖାଲିଦ୍ ବିନ୍ ସଇଦ୍ ର.ଅ ମଧ୍ୟ ତାଙ୍କ ସହିତ ଚାଲିଗଲେ । ସେ ଖୈବର୍ ଯୁଦ୍ଧରେ ସାମିଲ ହୋଇ ନଥିଲେ । କିନ୍ତୁ ଆଁହଜରତ ସ.ଅ ମାଲେ ଗନିମତ୍‌ରେ ମଧ୍ୟ ତାଙ୍କୁ ଏକ ଭାଗ ପ୍ରଦାନ କରିଥିଲେ । ଏତଦ୍‌ପରେ ମକ୍କା ବିଜୟ, ହୁନୈନ୍ ଯୁଦ୍ଧ, ତାଏଫ୍ ଯୁଦ୍ଧ ଓ ତୁବୁକ୍ ଯୁଦ୍ଧ ଆଦି ସମସ୍ତ ଯୁଦ୍ଧରେ ଆଁହଜରତ ସ.ଅଙ୍କ ସହିତ ପଦାତିକ ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ସେ ବଦର୍ ଯୁଦ୍ଧରେ ଅଂଶ ଗ୍ରହଣ କରିପାରି ନଥିଲେ । ଏହି ବଞ୍ଚିତ ରହିବା ଯୋଗୁଁ ସେ ସର୍ବଦା

ଅନୁତପ୍ତ ହେଉଥିଲେ । ହ. ଖାଲିଦ୍ ର.ଅ ଆଁହଜରତ ସ.ଅଙ୍କୁ କହିଲେ ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆମେମାନେ ଆପଣଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ ହୋଇପାରି ନଥିଲୁ । ଆଁହଜରତ ସ.ଅ କହିଲେ ହେ ଖାଲିଦ୍ କ'ଣ ତୁମେ ଏହା ପ୍ରିୟ ମଣୁ ନାହଁ ! ଯେ ଲୋକମାନଙ୍କୁ ଗୋଟିଏ ପ୍ରବାସର ସୌଭାଗ୍ୟ ଅର୍ଜନ ହୋଇଛି ଏବଂ ତୁମକୁ ଦୁଇ ଦୁଇଟି ପ୍ରବାସର ସୌଭାଗ୍ୟ ଅର୍ଜନ ହୋଇଛି ।

ହ. ଅବୁ ବକର ର.ଅ ଯେତେବେଳେ ଧର୍ମଦ୍ରୋହୀମାନଙ୍କର ଦମନ ପାଇଁ ଧ୍ୱଜା ବାନ୍ଧିଲେ ସେତେବେଳେ ଗୋଟିଏ ଧ୍ୱଜା ହ. ଖାଲିଦ୍ ବିନ୍ ସଇଦ୍‌ଙ୍କ ପାଇଁ ମଧ୍ୟ ବାନ୍ଧିଥିଲେ ଏବଂ ତାଙ୍କୁ ତିମା ଯିବା ପାଇଁ ଆଦେଶ ଦେଇଥିଲେ ଏବଂ କହିଲେ ଯେ ନିଜ ସ୍ଥାନରୁ ଆଦୌ ହଟିବ ନାହିଁ ଏବଂ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ତୁମ ସହିତ ସାକ୍ଷାତ୍ କରିବା ପାଇଁ ନିମନ୍ତ୍ରଣ ଦେବ । କେବଳ ସେହିମାନଙ୍କୁ ହିଁ ଗ୍ରହଣ କରିବ ଯେଉଁମାନେ ଧର୍ମଦ୍ରୋହୀ ନଥିବେ ଏବଂ ଯେଉଁମାନେ ତୁମ ସହିତ ଯୁଦ୍ଧ କରିବେ ସେହିମାନଙ୍କୁ ଛାଡ଼ି ଆଉ କାହା ସହିତ ଯୁଦ୍ଧ କରିବ ନାହିଁ । ଏପର୍ଯ୍ୟନ୍ତକି ସେମାନଙ୍କ ପର୍ଯ୍ୟନ୍ତ ମୋର ଆଦେଶ ପହଞ୍ଚି ଯିବ । ହ. ଖାଲିଦ୍ ର.ଅ ତିମା ଠାରେ ଅବସ୍ଥାନ କରିଥିଲେ ଏବଂ ଆଖପାଖ ଅଞ୍ଚଳର ଅନେକ ସଂପ୍ରଦାୟ ତାଙ୍କୁ ଆସି ଭେଟିଲେ । ରୋମୀୟବାସୀଙ୍କୁ ଯେତେବେଳେ ମୁସଲମାନମାନଙ୍କର ଏହି ବିଶାଳ ସୈନ୍ୟବାହିନୀ ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ନିଜ ଦ୍ୱାରା ପ୍ରଭାବିତ ଆରବୀୟମାନଙ୍କ ଠାରୁ ସିରୀୟାର ଯୁଦ୍ଧ ପାଇଁ ସୈନ୍ୟ ବରାଦ କଲେ । ହ. ଖାଲିଦ୍ ର.ଅ ରୋମୀୟମାନଙ୍କର ପ୍ରସ୍ତୁତି ଏବଂ ଆରବୀୟ ସଂପ୍ରଦାୟମାନଙ୍କର ଆଗମନ ସଂକ୍ରାନ୍ତରେ ହ. ଅବୁ ବକର ର.ଅଙ୍କୁ ଅବଗତ କଲେ । ହ. ଅବୁ ବକର ର.ଅ ପ୍ରତ୍ୟୁତ୍ତରରେ ଲେଖିଲେ ଯେ ତୁମେ ଆଗକୁ ଅଗ୍ରସର ହେଉଥାଅ । ତିଳେ ମାତ୍ର ବିଚଳିତ ହେବ ନାହିଁ ଏବଂ ତୁମେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଲୋଡ଼ିବ । ହ. ଖାଲିଦ୍ ର.ଅଙ୍କୁ ଯେତେବେଳେ ଏହି ଉତ୍ତରଟି ପ୍ରାପ୍ତ ହେଲା ସେତେବେଳେ ସେ ଶତ୍ରୁ ଆଡ଼କୁ ଅଗ୍ରସର ହେଲେ ଏବଂ ଯେତେବେଳେ ସେ ଶତ୍ରୁ ନିକଟରେ ପହଞ୍ଚିଲେ ସେତେବେଳେ ଶତ୍ରୁ ପକ୍ଷ ଏଭଳି ଆତଙ୍କିତ ହୋଇଗଲା ଯେ ସମସ୍ତେ ନିଜ ନିଜ ସ୍ଥାନ ଛାଡ଼ି ପଳାୟନ କଲେ । ହ. ଖାଲିଦ୍ ର.ଅ ଶତ୍ରୁର ସ୍ଥାନ ଅର୍ଥାତ ଗଡ଼କୁ ଅଧିକାର କରିନେଲେ । ଉକ୍ତ ସଫଳତାର ସୂଚନା ହ. ଖାଲିଦ୍ ର. ହ. ଅବୁ ବକର ର.ଅଙ୍କୁ ଦେଇଥିଲେ । ହ. ଅବୁ ବକର ର.ଅଙ୍କ କାଳରେ ଧର୍ମଦ୍ରୋହୀଙ୍କ ବିରୁଦ୍ଧରେ ହ. ଖାଲିଦ୍ ର.ଅଙ୍କ କାର୍ଯ୍ୟାନୁଷ୍ଠାନର କେବଳ ଏତିକି ହିଁ ଚର୍ଚ୍ଚା ଇତିହାସରୁ ମିଳେ ।

ହୁଜୁର ଅନ୍‌ୱର ଅ.ବ କହିଲେ : ଧର୍ମଦ୍ରୋହୀ ବିଦ୍ରୋହୀମାନଙ୍କ ବିପକ୍ଷରେ ଅଷ୍ଟମ ଅଭିଯାନ ହ. ତରିଫା ବିନ୍ ହାଯିଜ୍ କରିଥିଲେ । ହ. ଅବୁ ବକର ର.ଅ ଗୋଟିଏ ଧ୍ୱଜା ହ. ତରିଫା ବିନ୍ ହାଯିଜ୍‌ଙ୍କ ପାଇଁ ବାନ୍ଧିଥିଲେ ଏବଂ ତାଙ୍କୁ ଆଦେଶ ଦେଲେ ଯେ ସେ ବନୁ ସୁଲୈମ୍ ଓ ବନୁ ହୱାଜିନ୍‌ର ମୁକାବିଲା କରନ୍ତୁ । ହ. ଅବୁ ବକର ର.ଅ ଖଲିଫା ନିଯୁକ୍ତ ହେବା ପରେ ହ. ତରିଫା ବିନ୍ ହାଯିଜ୍‌ଙ୍କୁ ସୁଲୈମ୍‌ର ସେହି ଆରବୀୟମାନଙ୍କ ଉପରେ ଯେଉଁମାନେ ଇସ୍‌ଲାମ୍ ଧର୍ମ ଉପରେ ଅବିଚଳ ଥିଲେ ତାଙ୍କୁ ଶାସକ ରୂପେ ନିଯୁକ୍ତ କରିଥିଲେ । ହ. ତାରିଫା ବିନ୍ ହାଯିଜ୍ ଜଣେ ନୈଷ୍ଠିକ ଏବଂ ଉତ୍ସାହୀ କର୍ମଚାରୀ ଥିଲେ । ସେ ଏଭଳି ପ୍ରଭାବଶାଳୀ ଭାଷଣ ଦେଲେ ଯେ ବନୁ ସୁଲୈମ୍ ସଂପ୍ରଦାୟର ଅନେକ ଆରବୀୟମାନେ ତାଙ୍କ ସହିତ ଆସି ମିଶିଗଲେ । ହ. ଅବ୍‌ଦୁଲ୍ଲାଃ ବିନ୍ ଅବୁ ବକର ବର୍ଣ୍ଣନା କରନ୍ତି ଯେ ବନୁ ସୁଲୈମ୍‌ର ଜଣେ ବ୍ୟକ୍ତି ଯାହାର ନାମ ଫୁଜା ଥିଲା, ସେ ହ. ଅବୁ ବକର ର.ଅଙ୍କ ନିକଟକୁ ଆସିଲା । ସେ କହିଲା ଯେ ମୁଁ ମୁସଲମାନ ଅଟେ ଏବଂ ମୁଁ ସେହି ଲୋକମାନଙ୍କ ବିରୁଦ୍ଧରେ ଜିହାଦ୍ (ଧର୍ମଯୁଦ୍ଧ) କରିବାକୁ ଚାହୁଁଛି ଯେଉଁମାନେ ଧର୍ମରୁ ଓହରି ଯାଇଛନ୍ତି । ଆପଣ ମୋତେ ବାହନ ପ୍ରଦାନ କରନ୍ତୁ ଏବଂ ମୋତେ ସାହାଯ୍ୟ କରନ୍ତୁ । ହ. ଅବୁ ବକର ର.ଅ ଫୁଜାକୁ ବାହନ ଏବଂ ଅସ୍ତ୍ରଶସ୍ତ୍ର ପ୍ରଦାନ କଲେ ଓ ୧୦ ଜଣ ସଶସ୍ତ୍ର ମୁସଲମାନ ସୈନ୍ୟବଳ ମଧ୍ୟ ତାଙ୍କ ସହିତ ପ୍ରେରଣ କରିଦେଲେ । ଫୁଜା ନିଜ ସଂପ୍ରଦାୟ ଆଡ଼କୁ ଚାଲିଲା ଏବଂ ମାର୍ଗରେ ଧର୍ମଦ୍ରୋହୀ ଆରବୀୟମାନଙ୍କୁ ନିଜ ସହିତ ମିଶାଇ ନେଉଥିଲା । ଯେତେବେଳେ ତା'ର ସୈନ୍ୟସଂଖ୍ୟା ବୃଦ୍ଧି ପାଇଲା ସେତେବେଳେ ସେ ସର୍ବପ୍ରଥମେ

ନିଜର ମୁସଲମାନ ସାଥିମାନଙ୍କୁ ହତ୍ୟା କଲା ଏବଂ ତାଙ୍କର ସମସ୍ତ ଧନ ଲୁଣ୍ଠନ କରିନେଲା । ପୁନଶ୍ଚ ସେ ଏଭଳି ଜଘନ୍ୟ ହତ୍ୟା ବିଭୀଷିକାମୂଳକ ତାଣ୍ଡବ ରଚିଲା ଯେ କେତେବେଳେ ସେ ଗୋଟିଏ ସଂପ୍ରଦାୟ ଉପରେ ଆକ୍ରମଣ କରୁଥିଲା ତ' ଆଉ କେତେବେଳେ ଆଉ ଗୋଟେ ସଂପ୍ରଦାୟ ଉପରେ ଆକ୍ରମଣ କରୁଥିଲା । ହ. ଅବୁ ବକର ର.ଅଙ୍କୁ ଯେତେବେଳେ ଉକ୍ତ ଘଟଣାର ସୂଚନା ପ୍ରାପ୍ତ ହେଲା ସେତେବେଳେ ସେ ହ. ତରିଫା ବିନ୍ ହାଯିଜ୍‌ଙ୍କୁ ପତ୍ର ଲେଖିଲେ ଯେ ତୁମେ ନିକଟରେ ଯେଉଁ ମୁସଲମାନମାନେ ଅଛନ୍ତି ସେମାନଙ୍କୁ ସାଙ୍ଗରେ ନେଇ ଫୁଜା ନିକଟକୁ ଯାଅ ଏବଂ ତା'ର ବଧ କରିଦିଅ ଅବା ତା'କୁ ଗିରଫ କରି ମୋ ନିକଟକୁ ନେଇଆସ । ହ. ତରିଫା ବିନ୍ ହାଯିଜ୍ ତା' ମୁକାବିଲା ପାଇଁ ସଅଳ ବାହାରି ପଡ଼ିଲେ । ଉଭୟ ଗୋଷ୍ଠୀ ମଧ୍ୟରେ ଘମୋଘୋଡ଼ ସଂଘର୍ଷ ହେଲା । ହ. ତରିଫା ଫୁଜାକୁ ଗିରଫ କରି ହ. ଅବୁ ବକର ର.ଅଙ୍କ ନିକଟକୁ ଚାଲାଣ କଲେ ଏବଂ ହ. ଅବୁ ବକର ର.ଅଙ୍କ ସମ୍ମୁଖରେ ଆଣି ଉପସ୍ଥାପିତ କଲେ । ହ. ଅବୁ ବକର ର.ଅ ହ. ତରିଫାଙ୍କୁ ଆଦେଶ ଦେଲେ ଯେ ଫୁଜାକୁ ବକିଇ ଠାକୁ ନେଇଯାଅ ଏବଂ ଅଗ୍ନିରେ ତା'କୁ ପୋଡ଼ିଦିଅ । ହ. ଅବୁ ବକର ର.ଅ ଫୁଜା ପ୍ରତି ଏଭଳି ଆଚରଣ ଏଇଥି ପାଇଁ ପ୍ରଦର୍ଶନ କରିଥଲେ ଯେ ସେ ମୁସଲମାନମାନଙ୍କ ସହିତ ଏହିଭଳି ବ୍ୟବହାର ପ୍ରଦର୍ଶନ କରୁଥିଲା । ତେଣୁ ହ. ଅବୁ ବକର ର.ଅ ଯେସାକୁ ତେସା ନୀତିରେ ଏହିଭଳି ବ୍ୟବହାର ଫୁଜା ପ୍ରତି ପ୍ରଦର୍ଶନ କରିଥିଲେ ।

ଧର୍ମଦ୍ରୋହୀ ବିଦ୍ରୋହୀମାନଙ୍କ ବିପକ୍ଷରେ ନବମ ଅଭିଯାନ ହ. ଅଲା ବିନ୍ ହଜ୍ରମି କରିଥିଲେ । ହ. ଅବୁ ବକର ର.ଅ ଏକ ଧ୍ୱଜା ହ. ଅଲା ବିନ୍ ହଜ୍ରମିଙ୍କୁ ପ୍ରଦାନ କରିଥିଲେ ଏବଂ ତାଙ୍କୁ ବାହାରେନ୍ ଅଭିମୁଖେ ଯିବା ପାଇଁ ଆଦେଶ ଦେଇଥିଲେ । ଯେତେବେଳେ ଆଁହଜରତ ସ.ଅ ମହାରାଜାମାନଙ୍କ ନିକଟକୁ ପ୍ରଚାରିକ ପତ୍ର ପ୍ରେରଣ କଲେ ସେତେବେଳେ ମୁନ୍‌ଜର୍ ବିନ୍ ସାୱା ନିକଟକୁ ଯେକି ବାହାରେନ୍‌ର ଶାସକ ଥିଲା, ହ. ଅଲା ବିନ୍ ହଜ୍ରମିଙ୍କୁ ଏହି ଦାୟିତ୍ୱ ଅର୍ପଣ କରିଥିଲେ । ଏହାପରେ ଆଁହଜରତ ସ.ଅ ହଜ୍ରମିଙ୍କୁ ବାହାରେନ୍‌ର ଗଭର୍ଣ୍ଣର ଭାବରେ ନିଯୁକ୍ତ କରିଥିଲେ । ଆଁହଜରତ ସ.ଅଙ୍କ ବିୟୋଗ ପର୍ଯ୍ୟନ୍ତ ହ. ଅଲା ବିନ୍ ହଜ୍ରମି ବାହାରେନ୍‌ର ଗଭର୍ଣ୍ଣର ରୂପେ ଦାୟିତ୍ୱ ତୁଲାଇଥିଲେ । ପରେ ହ. ଅବୁ ବକର ର.ଅଙ୍କ ଖିଲାଫତ୍ କାଳରେ ମଧ୍ୟ ଅଲା ବିନ୍ ହଜ୍ରମି ଏହି ପଦବୀରେ ଅଧିଷ୍ଠିତ ରହିଥିଲେ ।

ବାହାରେନ୍‌ର ପରିସ୍ଥିତି ସଂପର୍କରେ ଏହି ଚର୍ଚ୍ଚା ମିଳେ ଯେ ବାହାରେନ୍ ହିରାଃ ମହାରାଜା ଦ୍ୱୟଙ୍କ ଶାସନାଧୀନ ଥିଲା ଏବଂ ହିରାଃର ମହାରାଜା ଦ୍ୱୟ କିସ୍ରା ମହାରାଜାଙ୍କ ଅଧୀନ ଥିଲେ । ବାହାରେନ୍‌ର ତଟବର୍ତ୍ତୀ ଓ ବାଣିଜ୍ୟିକ ସହରରେ ମିଶାମିଶି ଜନବସତି ଥିଲା । ବାହାରେନ୍‌ର ଅଞ୍ଚଳ ହିଜର୍ ପାର୍ସୀୟ, ଖ୍ରୀଷ୍ଟ ଓ ଇହୁଦୀ ଧର୍ମାବଲମ୍ବୀମାନେ ଅନିଚ୍ଛାକୃତ ଭାବ ପୋଷଣ କରି ଯିଜୟା (କର) ଦେବାକୁ ଆଗ୍ରହୀ ହୋଇଥିଲେ । ବାହାରେନ୍‌ର ଅନ୍ୟ ବସ୍ତିଗୁଡ଼ିକ ଓ ସହର ଅଣମୁସଲମାନ ରହିଥିଲା । ଏହି ଲୋକମାନେ ଯେତେବେଳେ ବି ସୁଯୋଗ ପାଉଥିଲେ ସେତେବେଳେ ସମୟେ ସମୟେ ବିଦ୍ରୋହ କରି ଦେଉଥିଲେ । ଆଁହଜରତ ସ.ଅଙ୍କ ବିୟୋଗ ପରେ ଅବ୍‌ଦୁଲ୍ କୈସ୍ ସଂପ୍ରଦାୟ ଅବିଚଳତା ପ୍ରଦର୍ଶନ କରିଥିଲା ଏବଂ ଧର୍ମଦ୍ରୋହୀତାର ମହାମାରୀ ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚି ନଥିଲା । ଅନ୍ୟ ଆରବୀୟମାନେ ଓ ଅଣଆରବୀୟମାନେ ସମସ୍ତେ ମଦିନାର ଶାସକତ୍ୱକୁ ସମାପ୍ତ କରିବା ପାଇଁ ଅଣ୍ଟା ଭିଡ଼ି ନେଇଥିଲେ । ଇରାନୀୟ ଶାସକ ସେମାନଙ୍କୁ ଉତ୍ସାହିତ କଲା ଏବଂ ବିଦ୍ରୋହର ନେତୃତ୍ୱ ଆରବର ଜଣେ ବରିଷ୍ଠ ନେତା ଯାହାର ନାମ ମୁନ୍‌ଜର ବିନ୍ ନୁମାନ୍ ଥିଲା ତାହାକୁ ହସ୍ତାନ୍ତର କରିଥିଲା । କିସ୍ରାର ରାଜା ମୁନ୍‌ଜର୍ ବିନ୍ ନୁମାନ୍‌କୁ ମୁକୁଟ ଦ୍ୱାରା ସମ୍ମାନିତ କରି ତାକୁ ମୁକୁଟ ପିନ୍ଧାଇଥିଲା ଏବଂ ଏକଶତ ଅଶ୍ୱାରୋହୀ ପ୍ରଦାନ କଲା । ସେହିପରି ଅତିରିକ୍ତ ସାତ ହଜାର ପଦାତିକ ସୈନ୍ୟବାହିନୀ ଓ ଅଶ୍ୱାରୋହୀ ପ୍ରଦାନ କଲା ଏବଂ ତା'କୁ ବକର୍ ବିନ୍ ୱାଏଲ୍ ସଂପ୍ରଦାୟ ସହିତ ବାହାରେନ୍ ଯିବା ପାଇଁ ଆଦେଶ ଦେଲା । ସେହି ସୈନ୍ୟବାହିନୀ ସର୍ବପ୍ରଥମେ ଅବ୍‌ଦୁଲ୍ କୈସ୍ ସଂପ୍ରଦାୟକୁ ଇସ୍‌ଲାମ୍ ଧର୍ମରୁ ଓହରିଯିବା ପାଇଁ ଉଦ୍ୟମ କରିଥିଲା । କିନ୍ତୁ ଏଥିରେ ସେମାନେ ବିଫଳ

ହୋଇଥିଲେ । ଅତଏବ୍ ମୁନ୍‌ଜର୍‌ର ସୈନ୍ୟବାହିନୀ ନିଜର ସୈନ୍ୟ ଶକ୍ତି ବଳରେ ଅବ୍‌ଦୁଲ୍ କୈସ୍ ସଂପ୍ରଦାୟକୁ ନିଜ ଅଧୀନକୁ ଆଣିବାକୁ ଚେଷ୍ଟା କଲା । ଅବ୍‌ଦୁଲ୍ କୈସ୍‌ର ସଂପ୍ରଦାୟ ନିଜର ସର୍ଦ୍ଦାର ହ. ଜାରୁଦ୍ ବିନ୍ ମାଆଲି ନିକଟକୁ ୪୦୦୦ ସଂଖ୍ୟକ ନିଜର ସାଙ୍ଗସାଥି ଓ ଦାସମାନଙ୍କୁ ଏକତ୍ରିତ କଲେ ଏବଂ ବକର୍ ବିନ୍ ୱାଏଲ୍ ସଂପ୍ରଦାୟ ନିଜର ୯୦୦୦ ଇରାନୀୟ ଓ ୩୦୦୦ ଆରବୀୟମାନଙ୍କୁ ସାଙ୍ଗରେ ଧରି ସେମାନଙ୍କ ନିକଟରେ ପହଞ୍ଚିଲେ । ପୁନଶ୍ଚ ଏହାପରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଡ଼ ଯୁଦ୍ଧ ହେଲା ଏବଂ ବକର୍ ବିନ୍ ୱାଏଲ୍ ସଂପ୍ରଦାୟକୁ ଘୋର କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । ପୁନଶ୍ଚ ଏହାପରେ ସେମାନେ ପୁନଃ ଦ୍ୱିତୀୟ ଥର ଆକ୍ରମଣ କଲ । ଏଥର କିନ୍ତୁ ଅବ୍‌ଦୁଲ୍ କୈସ୍ ସଂପ୍ରଦାୟକୁ ଘୋର କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । ଏହିପରି ଭାବରେ ସେମାନେ ପରସ୍ପର ଠାରୁ ପ୍ରତିଶୋଧ ନେଉଥିଲେ ଏବଂ ସେମାନଙ୍କ ମଧ୍ୟରେ ଅନେକ ଦିନ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିଲା । ଏପର୍ଯ୍ୟନ୍ତ କି ଅନେକ ଲୋକମାନେ ଏହି ଯୁଦ୍ଧରେ ନିହତ ହେଲେ ଏବଂ ଅବ୍‌ଦୁଲ୍ କୈସ୍ ସଂପ୍ରଦାୟର ଜନସାଧାରଣ ବକର୍ ବିନ୍ ୱାଏଲ୍‌କୁ ଶାନ୍ତି ସ୍ଥାପନ ପାଇଁ ନିବେଦନ କଲେ । ଅବ୍‌ଦୁଲ କୈସ୍ ସଂପ୍ରଦାୟ ଏହା ଜାଣି ନେଲା ଯେ ବର୍ତ୍ତମାନ ସେ ବକର୍ ବିନ୍ ୱାଏଲ୍ ବିରୁଦ୍ଧରେ କୌଣସି ଶକ୍ତି ଓ ସାମର୍ଥ୍ୟ ରଖୁ ନାହାନ୍ତି । ସୁତରାଂ ସେମାନେ ପରାଜିତ ହେଲେ ଏପର୍ଯ୍ୟନ୍ତ କି ସେମାନେ ହିଜର୍‌ର ଭୂମିରେ ନିଜର ଜୱାସା ନାମକ ଦୁର୍ଗ ମଧ୍ୟରେ ଅବରୁଦ୍ଧ ହୋଇଗଲେ । ବନୁ ବକର୍ ବିନ୍ ୱାଏଲ୍ ନିଜର ଇରାନୀୟ ଲୋକମାନଙ୍କ ସହିତ ଆଗକୁ ଅଗ୍ରସର ହେଲା ଏବଂ ସେମାନଙ୍କର ଦୁର୍ଗ ପର୍ଯ୍ୟନ୍ତ ପହଞ୍ଚିଗଲା । ସଠାରେ ପହଞ୍ଚି ସେମାନେ ଦୁର୍ଗ ଅବରୋଧ କଲେ ଏବଂ ସମସ୍ତ ଖାଦ୍ୟ ପଦାର୍ଥ ସେମାନଙ୍କ ଠାରୁ ରୋକି ନେଲେ ।

ଯେତେବେଳେ ହ. ଅବୁ ବକର ର.ଅଙ୍କୁ ଅବ୍‌ଦୁଲ କୈସ୍‌ର ଅବସ୍ଥା ସଂପର୍କରେ ଜ୍ଞାତ ହେଲା ସେତେବେଳେ ଆପଣ ଗଭୀର ଭାବରେ ମର୍ମାହତ ହେଲେ । ଆପଣ ର.ଅ ହ. ଅଲା ବିନ୍ ହଜ୍ରମିଙ୍କୁ ଡକାଇଲେ ଏବଂ ସୈନ୍ୟବାହିନୀର ସେନାପତିତ୍ୱ ଭାର ତାଙ୍କ ହସ୍ତରେ ଅର୍ପଣ କରି ତାଙ୍କ ସହିତ ୨୦୦୦ ପ୍ରବାସକାରୀ ଓ ଅନ୍‌ସାର୍ ଅବ୍‌ଦୁଲ୍ କୈସ୍‌ଙ୍କ ସାହାଯ୍ୟ ନିମନ୍ତେ ପ୍ରେରଣ କରିବାର ଆଦେଶ ଦଲେ ଏବଂ ଏହି ନିର୍ଦ୍ଦେଶ ଦେଲେ ଯେ ଆରବର ସଂପ୍ରଦାୟମାନଙ୍କ ମଧ୍ୟରେ ଯେଉଁ ସଂପ୍ରଦାୟ ମଧ୍ୟ ଦେଇ ତୁମେ ଅତିକ୍ରମ କର ତେବେ ତାହାକୁ ବନୁ ବକର ବିନ୍ ୱାଏଲ୍ ସହିତ ଯୁଦ୍ଧ କରିବା ପାଇଁ ପ୍ରରୋଚିତ କରିବ । କାରଣ ସେମାନେ ଇରାନର ଶାସକ କିସ୍ରା ଦ୍ୱାରା ନିଯୁକ୍ତ ମୁନଜର ବିନ୍ ନୁମାନ୍ ସହିତ ଆସିଛନ୍ତି । ସେମାନେ ଅର୍ଥାତ ମହାରାଜା ତା' ମୁଣ୍ଡ ଉପରେ ମୁକୁଟ ରଖିଲା ଏବଂ ଅଲ୍ଲାଃତାଲାଙ୍କ ଦୀପକୁ ଲିଭାଇବା ପାଇଁ ଇଚ୍ଛା ପ୍ରକାଶ କରିଛି ଓ ସେ ଈଶ୍ୱରଙ୍କ ସନ୍ଥମାନଙ୍କୁ ହତ୍ୟା କରିଛି । ତେଣୁ ତୁମେମାନେ **ଲା ହୌଲା ୱଲା କୁୱତା ଇଲ୍ଲା ବିଲ୍ଲାଃ** ପଢି ପ୍ରସ୍ଥାନ କରିବ । ହ. ଅଲା ବିନ୍ ହଜ୍ରମି ହ. ଅବୁ ବକର ର.ଅଙ୍କ ଆଦେଶ ପାଳନ କ୍ରମେ ପ୍ରସ୍ଥାନ କଲେ । ହୁଜୁର ଅନୱର୍ ଅ.ବ କହିଲେ ହ. ଅବୁ ବକର ର.ଅଙ୍କ ଅଭିଯାନ ସଂପର୍କିତ ଅବଶିଷ୍ଟ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ହେବ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍‌କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍।**

.....................................

KHULASA KHUTBA JUMA HUZOOR ANWAR a.b.a

**24th June 2022**